Tel No. 0671-2308272, 2308311

# CUTTACK MUNICIPAL CORPORATION

COUDHURYBAZAR, CUTTACK-7 5 3 0 0 9, ORISSA

Ref........16563 Date ....30/10/24

## ଟେଣ୍ଡରନୋଟିସ୍

ଐତିହାସିକ କଟକ ବାଲିଯାତ୍ରା ଚଳିତବର୍ଷ ତା. ୧୫.୧୧.୨୦୨୪ ରିଖ ଠାରୁ ତା. ୨୨.୧୧.୨୦୨୪ ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉକ୍ତ ଉତ୍ସବ ନିମନ୍ତେ ତା. ୧୩.୧୧.୨୦୨୪ ରିଖ ଠାରୁ ତା. ୧୨.୧୨.୨୦୨୪ ରିଖ ପର୍ଯ୍ୟନ୍ତ କଟକ ମହାନଗର ନିଗମ ତରଫରୁ ସଫେଇ ଓ ପରିମଳ କାର୍ଯ୍ୟ ନିମନ୍ତେ ରେଜିଷ୍ଟ୍ରି ଭୁକ୍ତ ଶ୍ରମିକ ଠିକାଦାର/ସଫେଇକାର୍ଯ୍ୟରେ ଅଭିଜ୍ଞ ସଂସ୍ଥା ମାନଙ୍କ ଠାରୁ ଏହିକାର୍ଯ୍ୟ ପରିଚାଳନା ନିମନ୍ତେ କୋଟେସନ (ଜଉମୁଦ) ଆହ୍ୱାନ କରାଯାଉଅଛି। ଆବେଦନ କାରୀମାନେ ଉପର ଏବଂ ତଳପଡ଼ିଆ ର ସଂଲଗ୍ନ ସ୍ଥାନର ସଫେଇ କାର୍ଯ୍ୟ ପାଇଁ ପୃଥକ୍ ପୃଥକ୍ କୋଟେସନ ଏବଂ ଦରକାରୀ କାଗଜ ପତ୍ର ଦାଖଲ କରିବେ। ଉପର ପଡ଼ିଆ ପାଇଁ (ଜଉମୁଦ) କୋଟେସନ୍ (କ) ଓ ତଳପଡ଼ିଆ ପାଇଁ (ଜଉମୁଦ) କୋଟେସନ୍ (ଖ) ବୋଲି ଉଲ୍ଲେଖ କରିବେ। ଜଣେ ଆବେଦନକାରୀ ଦୁଇଗୋଟି ପଡ଼ିଆ (ଉପରଏବଂତଳ) ପଡ଼ିଆ ନିମନ୍ତେ ଆବେଦନ କରିପାରିବେ। ଆବେଦନକରୀ କୋଟେସନ ଦାଖଲ ପୂର୍ବରୁ କାର୍ଯ୍ୟର ସବିଶେଷ ବିବରଣୀ ଓ ଶୈଳୀ ବିଷୟରେ ସ୍ୱାସ୍ଥ୍ୟ ଅଧିକାରୀ ଙ୍କ ଠାରୁ ତା. ୦୨.୧୧.୨୦୨୪ ରିଖ ସୁଧା ଅବଗତ ହେବେ । ଆବେଦନକାରୀ ମାନେ ସେମାନଙ୍କ କୋଟେସନ କାଗଜ ଗୁଡ଼ିକୁ ଜଉମୁଦ କରାଇ ରେଜିଷ୍ଟ୍ରି ପୋଷ୍ଟ/ସ୍ପିଡ୍‌ପୋଷ୍ଟ ବା କୋରିୟର ସର୍ଭିସ ମାଧ୍ୟମରେ ମ୍ୟୁନିସିପାଲ କମିଶନର କଟକ ମହାନଗର ନିଗମ, ଚୌଧୁରୀବଜାର, କଟକଙ୍କୁ ଆବେଦନ କରି ପାରିବେ। ଉକ୍ତ କୋଟେସନ ଜାଗଜଗୁଡ଼ିକ କଟକ ମହାନଗର ନିଗମ କାର୍ଯ୍ୟାଳୟରେ ତା. ୩୦.୧୦.୨୦୨୪ ଠାରୁ ତା. ୦୫.୧୧.୨୦୨୪ ରିଖ ଅପରାହ୍ଣ ୩ ଘଟିକ ସୁଦ୍ଧା ପହଂଚିବା ଦରାକାର, ଅନ୍ୟଥା ଏହା ଗ୍ରହଣ କରାଯିବ ନାହିଁ। ଇଚ୍ଛୁକ ସଂସ୍ଥାମାନେ ଏହିକାର୍ଯ୍ୟର ସୁପରିଚାଳନା ନିମନ୍ତେ, ସମସ୍ତ କାର୍ଯ୍ୟର ସର୍ତାବଳୀ ସ୍ୱାସ୍ଥ୍ୟ ଅଧିକାରୀ, କଟକ ମହାନଗର ନିଗମ ଙ୍କ ଠାରୁ ଅବଗତ ହୋଇପାରିବେ। ସମ୍ପୃକ୍ତ ସଂସ୍ଥା ନିମ୍ନଲିଖତ ବିବରଣୀ ସହ ଦରଖାସ୍ତ ଦାଖଲ କରିବେ। ସଫେଇକାର୍ଯ୍ୟ ବାଲିଯାତ୍ରା ପୂର୍ବରୁ ୨ (ଦୁଇ) ଦିନ ଓ ପରେ ୨୦ (କୋଡ଼ିଏ) ଦିନ (ମୋଟ୍ ୩୦ ଦିନ) କରାଯିବ। ନିର୍ଦ୍ଧାରିତ ସମୟ ଅବଧିରେ ଉଭୟ ପଡ଼ିଆ କୁ ସମ୍ପୂର୍ଣ୍ଣ ସଫା କରି ଏହାର ପ୍ରମାଣ ସରୂପ ଫଟୋ ବିଲ୍ ରେ ସଲଗ୍ନ କରିବେ। ଆବେଦନକାରୀ କୋଟେସନ ଦାତା ଅଥବା ସେମାନଙ୍କର କ୍ଷମତା ପ୍ରାପ୍ତ ଅଧିକାରୀ ମାନେ ତା. ୦୫.୧୧.୨୦୨୪ ରିଖ ଅପରାହ୍ଣ ୪ ଘଟିକା ସମୟରେ କଟକ ମହାନଗର ନିଗମ କମିଶନରଙ୍କ କାର୍ଯ୍ୟଳୟ ରେ ଉପସ୍ଥିତ ରହି କୋଟେସନ ଖୋଲିବା ଓ ସମାପନ କାର୍ଯ୍ୟରେ ସହଯୋଗ କରିବେ। ପ୍ରକାଶ ଥାଉକି, କମିଶନର, କଟକମହାନଗର ନିଗମ କୌଣସି କାରଣ ନଦର୍ଶାଇ ଟେଣ୍ଡରକୁ ବାତିଲ କରିପାରିବେ।

**କୋଟେସନ ସହିତ ନିମ୍ନଲିଖିତ :**

୧) ଜି.ଏସ୍.ଟି ସାଟିଫିକେଟ।

୨) ଲେବର ଲାଇସେନସ୍।

୩) ପ୍ୟାନ ନମ୍ବର।

୪) ଏପରି ସଫେଇ କାର୍ଯ୍ୟର ପୂର୍ବ ଅଭିଜ୍ଞତା ପ୍ରମାଣପତ୍ର।

୫) ଦରଖାସ୍ତ କରାଯାଉଥିବା ସ୍ଥାନ (ଉପର ପଡ଼ିଆ/ତଳ ପଡ଼ିଆ ଏବଂ ତତ୍ ସଂଲଗ୍ନ ସ୍ଥାନ)।

୬) ପ୍ରତ୍ୟେହ ଏକ ବେଳା ସଫେଇ ସକାଳ ୬ ଘଟିକାରୁ ଦିନ ୨ ଘଟିକା ଏବଂ ପ୍ରତ୍ୟେହ ଉପରବେଳା ଅଳିଆ ଗୋଟାଳି ପାଇଁଦିନ ୨ ଘଟିକା ଠାରୁ ରାତ୍ର ୧୦ ଘଟିକା ଏବଂ ରାତ୍ର ୧୦ ଘଟିକା ଠାରୁ ସକାଳ ୬ ଘଟିକା ପର୍ଯ୍ୟନ୍ତ ସଫେଇକର୍ମଚାରୀ ଙ୍କ ନିୟୋଜିତ ସଂଖ୍ୟା।

୭) ମୋଟ ୩୦ ଦିନ ସଫେଇ ପାଇଁଟଙ୍କା ପରିମାଣ : (ଉଭୟ ଅକ୍ଷର ଓ ଅଙ୍କରେ)।

୮) ଟେଣ୍ଡର ପେପର ମୂଲ୍ୟ ଟ. ୧୧୮୦୦/- (ଏଗାର ହଜାର ଆଠଶହ ଟଙ୍କା)+ ଜି.ଏସ୍.ଟି (ଅଣ ଫେରସ୍ତ) ବ୍ୟାଙ୍କ ଡ୍ରାଫ୍ଟ କମିଶନର, କଟକ ମହାନଗର ନିଗମ କଟକଙ୍କ ନାମରେ କରିବେ।

୯) ଆମାନତ ରାଶି ବାଦକକୁ – ଟ. ୫୧୦୦୦/- ଏକାବନ ହଜାର ଟଙ୍କା (ଫେରସ୍ତ) ର ବ୍ୟାଙ୍କଡ୍ରାଫ୍ଟ କମିଶନର, କଟକ ମହାନଗର ନିଗମ ଙ୍କ ନାମରେ (କୌଣସି ଜାତୀୟକରଣ ବ୍ୟାଙ୍କରୁ) ଦାଖଲକରିବେ।

୧୦) ସଫେଇ କର୍ମଚାରୀଙ୍କ ସତନ୍ତ୍ର ଚିହ୍ନିତ ପୋଷାକ (ସଂସ୍ଥାର ଲୋଗ) ବାଧ୍ୟତାମୂଳକ ଅଟେ।

**କାର୍ଯ୍ୟର ବିବରଣୀ ବାଲିଯାତ୍ର (୮ ଦିନ):**

(କ) ଉପର ପଡ଼ିଆ :ସମଗ୍ର ଉପର ପଡ଼ିଆ, ବାରବାଟୀ ଷ୍ଟାଡ଼ିୟମ ସମ୍ମୁଖ ରାସ୍ତା (ଫୁଡ୍ କୋର୍ଟ ସଲଗ୍ନ ରାସ୍ତା), ରିକ୍ରୁଟମେଣ୍ଟ ଅଫିସ ରାସ୍ତା ପର୍ଯ୍ୟନ୍ତ, ବାରବାଟୀ ଦୁର୍ଗରାସ୍ତା, ଗଡ଼ଗଡ଼ିଆ ମନ୍ଦିର ପାର୍ଶ୍ୱରାସ୍ତା, ଇତ୍ୟାଦି।

(ଖ) ତଳ ପଡ଼ିଆ :ସମଗ୍ର ତଳ ପଡ଼ିଆ ଓ କ୍ୟାଂଟେନ୍‌ମେଣ୍ଟ ଥାନା ଠାରୁ ମାତାମଠ ଛକ ପର୍ଯ୍ୟନ୍ତ ରାସ୍ତା, କଟକ ଇନ୍ କଟକ, ନଦୀ କୂଳ ଓ ସମସ୍ତ ପାର୍କିଂପ୍ଲେସ୍ ଏବଂ ସି ସୋର ରାସ୍ତା।

ଗ) ଦୈନିକ ୬୦୦ (୨୦୦ ସଫେଇ କର୍ମଚାରୀ ଉପର ପଡ଼ିଆ ଏବଂ ୪୦୦ ସଫେଇ କର୍ମଚାରୀ ତଳ ପଡ଼ିଆ) ଜଣ ସଫେଇ କର୍ମଚାରୀ ନିୟୋଜିତ କରି ସଫେଇ କାର୍ଯ୍ୟ, ଦୁଇପଟ ପଡ଼ିଆ ଏବଂ ଚର୍ତୁପାଶ୍ୱ ରୁ ବର୍ଜ୍ୟବସ୍ତୁ ଉଠାଇବା (୩ ବେଳା) ୮ ଦିନ ପର୍ଯ୍ୟନ୍ତ।

ଘ) ଉପରୋକ୍ତ କାର୍ଯ୍ୟକୁ ତଦାରଖ କରିବା ନିମନ୍ତେ ୧୫ ଜଣ ନିରକ୍ଷକ (୫ ଜଣ ନିରକ୍ଷକ ୩ ବେଳା) ଦୈନିକ।

ଙ) ଦୈନିକ ଅତିକମ୍ ରେ ୪୦ ଟ୍ରିପ୍ ଟ୍ରାକ୍ଟର ର୍ବଜ୍ୟବସ୍ତୁ ଉଠାଇବା ପାଇଁ ନିୟୋଜିତ କରିବେ।

ଚ) ର୍ବଜ୍ୟବସ୍ତୁ ବିଭିନ୍ନ ସ୍ଥାନରୁ ଉଠାଇବା ପାଇଁ ଦୈନିକ ୧୦ ଗୋଟି ର୍ବଜ୍ୟବସ୍ତୁ ଥଳି ବିଭିନ୍ନ ସଫେଇ କର୍ମଚାରୀ ଙ୍କ ଦ୍ୱାରା ପ୍ରଦାନ କରିବା ହେବ।(୩୦ ଗୋଟି ଦୈନିକ)

ଛ) ଦୈନିକ ୬୦୦ ହଳ ଗ୍ଲୋବସ୍ ଏବଂ ୬୦୦ ଗୋଟି ମାସ୍କ ସଫେଇ କର୍ମଚାରୀ ଙ୍କୁ ବ୍ୟବହାର ନିମନ୍ତେ ପ୍ରଦାନ କରିବେ।

କାର୍ଯ୍ୟର ବିବରଣୀ ବାଲିଯାତ୍ର ର (୭ଦିନ ପୂର୍ବ ଏବଂ ୨୦ ଦିନ ପର):

(କ) ଉପର ପଡ଼ିଆ ସଫେଇ କାର୍ଯ୍ୟ ନିମନ୍ତେ ୪୦ ଜଣ ସଫେଇ କର୍ମଚାରୀ।

ତଳ ପଡ଼ିଆ ସଫେଇ କାର୍ଯ୍ୟ ନିମନ୍ତେ ୬୦ ଜଣ ସଫେଇ କର୍ମଚାରୀ।

ମୋଟ୍ ୧୦୦ ଜଣ ସଫେଇ କର୍ମଚାରୀ ମୋଟ ୨୨ ଦିନ ଲାଗି ଉପର ଓ ତଳ ପଡିଆ ସଫା କରି ସଫେଇ କାର୍ଯ୍ୟର ଫଟୋ ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟରେ ଦାଖଲ କରିବେ।

୨୯/୧୦/୨୪

କମିଶନର,

କଟକ ମହାନଗର ନିଗମ ଓ

ଆବାହକ ବାଲିଯାତ୍ରା କମିଟି ୨୦୨୫

ଜ୍ଞାପକସଂଖ୍ୟା :ତା. 16564 Dt 30/10/24

ଏହାର ଏକକିତା ନକଲ ଜିଲ୍ଲାପାଳ, କଟକ/ପୌର ଯନ୍ତ୍ରୀ/ସ୍ୱାସ୍ଥ୍ୟ ଅଧିକାରୀ, କଟକ ମହାନଗର ନିଗମଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ଼ରେ ବ୍ୟାପକ ପ୍ରଚାର ନିମେନ୍ତେ ସଲଗ୍ନ କରାଗଲା।

୨୯/୧୦/୨୪

କମିଶନର

କଟକ ମହାନଗର ନିଗମ ଓ

ଆବାହକ ବାଲିଯାତ୍ରା କମିଟି ୨୦୨୫

ଜ୍ଞାପକସଂଖ୍ୟା :ତା. 16565 Dt 30/10/24

ଏହାର ଏକକିତା ବିତ ଅଧିକାରୀ/ହିସାବ ରକ୍ଷକ/ସମୀକ୍ଷକ ବିଭାଗ/ବିଜ୍ଞାପନ ବିଭାଗ/ଏମ୍.ଆଇ.ଏସ କଟକ ମହାନଗର ନିଗମ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

୨୯/୧୦/୨୪

କମିଶନର

କଟକ ମହାନଗର ନିଗମ ଓ

ଆବାହକ ବାଲିଯାତ୍ରା କମିଟି ୨୦୨୫